ପୌରପରିଷଦ କାର୍ଯ୍ୟାଳୟ,ପାରଳାଖେମୁଣ୍ଡି,ଗଜପତି
OFFICE OF THE MUNICIPAL COUNCIL PARALAKHEMUNDI, GAJAPATI
Ph No: 06815-222052, e-Mail: parala.mply@gmail.com

Letter No. ୨୩୭।

Dated: ୨୩ / 06 / 2026

# ବିଜ୍ଞାପନ

ଏତଦ୍ୱାରା ପରିଷଦ ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଚଳିତ ବର୍ଷ ଅର୍ଥାତ ୨୦୨୬ ମସିହା ରଥଯାତ୍ରା ଉପଲକ୍ଷେ ପରିଷଦ ଅଞ୍ଚଳରେ ତଥା ଜଗନ୍ନାଥ ମନ୍ଦୀର ଠାରୁ କଲେଜ ଛକ ପର୍ଯ୍ୟନ୍ତ ଏବଂ କଲେଜ ଛକ ଠାରୁ ପୌରପରିଷଦର ଦୁଇ ଏବଂ ଚାରି ଚକିଆ ପାର୍କିଙ୍ଗର ଉଭୟ ପାର୍ଶ୍ୱରେ (ଗୁଣ୍ଡିଚାବାଡି ବ୍ୟତୀତ) ଦୋକାନ ବଜାର ଇତ୍ୟାଦି ପକାଇ ବ୍ୟବସାୟ କରିବାକୁ ଇଛୁକ ଥିବା ବ୍ୟକ୍ତିଙ୍କ ଠାରୁ ମହାସୁଲ ଆଦାୟ କରିବା ନିମନ୍ତେ ନିର୍ଦ୍ଧାରିତ ହୋଇଅଛି । ରାସ୍ତାର ମଧ୍ୟଭାଗରେ କୌଣସି ଦୋକାନ ବଜାର ବସାଇପାରିବେ ନାହିଁ । ଏଣୁ ଯେଉଁ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବାକୁ ଇଛୁକ ଅଛନ୍ତି ସେମାନେ ଟ.୧,୦୦୦.୦୦ଙ୍କା ଦେଇ ଫର୍ମ ତା.୨୪.୦୬.୨୦୨୬ ଠାରୁ ୦୨.୦୭.୨୦୨୬ ଅପରାହ୍ନ ଘ. ୫.୦୦ ଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରୁ କ୍ରୟକରି ପାରିବେ ଏବଂ ତା.୦୩.୦୭.୨୦୨୬ ପୂର୍ବାହ୍ନ ୧୨.୦୦ ଘଣ୍ଟା ସୁଦ୍ଧା **(Speed Post / Register Post)** ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରି ଅଟେ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ ଏବଂ ସେହି ଦିନ ଅର୍ଥାତ ତା.୦୩.୦୭.୨୦୨୬ ଅପରାହ୍ନ ୪.୦୦ ଘଣ୍ଟା ସମୟରେ ଟେଣ୍ଡରରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ । ଇଛୁକ ଥିବା ବ୍ୟକ୍ତି ତାଙ୍କ ନାମରେ ଅମାନତ ରାଶି ଟ.୧,୦୦,୦୦୦/-ଙ୍କାର ବ୍ୟାଙ୍କ ଡ୍ରାଫଟ୍ ପାରଲାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ ପାରଳାଖେମୁଣ୍ଡିଙ୍କ ନାମରେ ଟେଣ୍ଡର ପେପର ସହ ଦାଖଲ କରିବେ । ଯଦି ସମସ୍ତ ନିଲାମ ଧାରୀ ଅସଫଳ ହୁଅନ୍ତି ତାହା ହେଲେ ସେମାନଙ୍କ ସହ ଚୁକ୍ତି ପୂର୍ବକ ଆଲୋଚନା ମାଧ୍ୟମରେ ସର୍ବୋଚ୍ଚ ଟେଣ୍ଡର ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ନିମ୍ନ ସ୍ୱାକ୍ଷର କାରୀଙ୍କର ଅଧିକାର ଅଛି । ଅସଫଳ ନିଲାମଧାରୀ ଜମା କରିଥିବା ବ୍ୟାଙ୍କ ଡ୍ରାଫଟ ଫେରସ୍ତ ଦିଆଯିବ । ସର୍ବୋଚ୍ଚ ଟେଣ୍ଡର ଡାକିଥିବା ବ୍ୟକ୍ତି ତତକାଳ ବକେୟା ଅର୍ଥ ନଗଦ ଆକାରରେ ପୈଠ କରିବାକୁ ବାଧ୍ୟ । ଯଦି ସମ୍ପୂର୍ଣ୍ଣ ରାଶି ପୈଠ କରିପାରିବେ ନାହିଁ ତେବେ ତାଙ୍କର ଟେଣ୍ଡର ପେପର ସହିତ ଅମାନତ ରାଶି ହରାଇବେ ଏବଂ ପରବର୍ତ୍ତୀ ଟେଣ୍ଡରଧାରୀଙ୍କ ଟେଣ୍ଡର ବିଚାରକୁ ନିଆଯିବ । ସର୍ବୋଚ୍ଚ ଟେଣ୍ଡର ଡାକିଥିବା ବ୍ୟକ୍ତିଙ୍କୁ ତା.୧୬.୦୭.୨୦୨୬ ଠାରୁ ୩୦.୦୭.୨୦୨୬ରିଖ ପର୍ଯ୍ୟନ୍ତ ମହାସୁଲ ଆଦାୟ କରିବା ପାଇଁ ଆଦେଶ ଦିଆଯିବ । ଟେଣ୍ଡର ସିଦ୍ଧ କରିବା ପୌରପରିଷଦ କର୍ତ୍ତୃପକ୍ଷଙ୍କ ଅର୍ନ୍ତଭୁକ୍ତ ଅଟେ । କୌଣସି କାରଣ ନଥାଇ ଯେଉଁ ସମୟରେ ମଧ୍ୟ ତାଙ୍କର ଟେଣ୍ଡର କର୍ତ୍ତୃପକ୍ଷ ରଦ୍ଦ କରିପାରିବେ । ଏହାକୁ ପ୍ରତିବାଦକରି କୌଣସି ବ୍ୟକ୍ତି କୌଣସି ନ୍ୟାୟାଳୟରେ ଆଶ୍ରୟ ନେଇପାରିବେ ନାହିଁ । ପ୍ରକାଶ ଥାଉକି ରାଜଦାଣ୍ଡ ରାସ୍ତାରେ କୌଣସି ଉଠାଦୋକାନୀ ରାସ୍ତାକୁ ଗାତ ଖୋଳି କୌଣସି କ୍ଷତି କରିବେ ନାହିଁ ଏବଂ ରାସ୍ତାର ମଧ୍ୟଭାଗରେ କୌଣସି ଦୋକାନ ବଜାର ବସାଇପାରିବେ ନାହିଁ । ଏହା ଅମାନ୍ୟ କଲେ ପୌରପରିଷଦ ତରଫରୁ ସମ୍ପୃକ୍ତ ଉଠାଦୋକାନିକୁ ହଠାଇ ଦିଆଯିବ ଏବଂ ଏହି ସମ୍ପର୍କିତ କୌଣସି ଅଭିଯୋଗ ଗ୍ରହଣ କରାଯିବନାହିଁ । ସଂପୂର୍ଣ୍ଣ ସର୍ତ୍ତାବଳୀ ତଥ୍ୟ ପୌରପରିଷଦର କାର୍ଯ୍ୟାଳୟରେ କାର୍ଯ୍ୟଦିବସରେ ପାଇପାରିବେ ।

ସରକାରୀ ଟେଣ୍ଡର ଡାକ - ଟଙ୍କା ୧୫,୮୧,୨୯୨/-

ରଥଯାତ୍ରାରେ ମହସୁଲ ଆଦାୟ ଫର୍ମର ମୂଲ୍ୟ - ଟଙ୍କା ୧,୦୦୦/-

ଅମାନତ ରାଶି - ଟଙ୍କା ୧,୦୦,୦୦୦/-

## ମହାସୁଲ ସଂଗ୍ରହ ଚାର୍ଟ

୧. ନଡିଆ, କଦଳି, ଫୁଲ, ବେଲୁନ ଇତ୍ୟାଦି ଦିନକୁ - ୨୫/-

୨. ଚଣା, ଖଜରା, ମିଠା ଇତ୍ୟାଦି ଦିନକୁ - ୫୦/-

୩. ପ୍ଲେଟ, କପ, ଘର ବ୍ୟବହାର ହେଉଥିବା ଜିନିଷ ଇତ୍ୟାଦିକୁ ଦିନ ପିଛା ଛୋଟ ଦୋକାନ ପାଇଁ ୧୦୦/- ଏବଂ ବଡ ଦୋକାନ ପାଇଁ - ୨୦୦/-

୪. ଖାଦ୍ୟ ଜିନିଷ ତଥା - ଚାଟ, ଆଇସ୍କ୍ରିମ ଇତ୍ୟାଦିକୁ ଦିନ ପିଛା ଛୋଟ ଦୋକାନ ପାଇଁ ୧୦୦/- ଏବଂ ବଡ ଦୋକାନ ପାଇଁ - ୨୦୦/-

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ ପାରଳାଖେମୁଣ୍ଡି

ପରିପତ୍ର ସଂ. ୨୩୭୨ ତା. ୨୩.୦୬.୨୬

ଏହାର ଏକକିତା ନକଲ ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କୁ ପ୍ରେରଣ କରାଗଲା । ଅନୁରୋଧ କରାଗଲା ଯେ ଏହି ବିଜ୍ଞାପନକୁ କୌଣସି ଗୋଟିଏ ଆଞ୍ଚଳିକ ଓଡିଆ ଦୈନକ ପତ୍ରିକାରେ ଗୋଟିଏ ଦିନ ପାଇଁ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ ପାରଳାଖେମୁଣ୍ଡି

ପରିପତ୍ର ସଂ. ୨୩୭୩ ତା. ୨୩.୦୬.୨୬

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଜପତି/ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଏବଂ ତହସିଲଦାର ପାରଳାଖେମୁଣ୍ଡିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ତାଙ୍କ ବିଜ୍ଞାପନ ଫଳକରେ ଲଟକାଇବାପାଇଁ ଅନୁରୋଧ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ ପାରଳାଖେମୁଣ୍ଡି

ପରିପତ୍ର ସଂ. ୨୩୭୪ ତା. ୨୩.୦୬.୨୬

ଏହାର ଏକକିତା ନକଲ କୋଷାଧକ୍ଷ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ପୌରପରିଷଦ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ସର୍ବସାଧରଣଙ୍କ ଗୋଚର ନିମନ୍ତେ ଲଟକାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ ପାରଳାଖେମୁଣ୍ଡି

ପରିପତ୍ର ସଂ. ୨୩୭୫ ତା. ୨୩.୦୬.୨୬

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ନେନ୍ସ, ଗଜପତିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି ଉକ୍ତ ବିଜ୍ଞାପନର ସବିଶେଷ ବିବରଣୀ ଗଜପତି ଜିଲ୍ଲାର ୱେବସାଇଟରେ **(www.gajapati.odisha.in)** ସମସ୍ତଙ୍କ ଅବଗତି ନିମନ୍ତେ ଉପଲବ୍ଧ (Host)କରିବା ହେବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ ପାରଳାଖେମୁଣ୍ଡି